# ବିମାନ ବନ୍ଦରଗୁଡ଼ିକ ପାଇଁ ‘ଏସ୍‌ଓପି’ ଜାରି

**ନୂଆଦିଲ୍ଲୀ, ୨୧।୫/ଏଜେନ୍ସି :** ଆସନ୍ତା ୨୫ରୁ ଦେଶ ମଧ୍ୟରେ ବିମାନ ଚଳାଚଳ ପାଇଁ ସରକାରଙ୍କ ଘୋଷଣା ପରେ ଗୁରୁବାର ‘ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ’ (ଭାରତୀୟ ବିମାନ ବନ୍ଦର ପ୍ରାଧୀକରଣ) ପକ୍ଷରୁ ବିମାନବନ୍ଦରଗୁଡିକ ନିମନ୍ତେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଜିୟୋର୍ସ (ଏସ୍‌ଓପି) ଜାରି କରାଯାଇଛି। କରୋନା ସଂକ୍ରମଣ ରୋକିବା ଉଦ୍ଦେଶ୍ୟରେ ଲକ୍‌ଡାଉନ୍ ଜାରି ହେବାରୁ ଦୁଇ ମାସ ହେଲା ଘରୋଇ ବିମାନ ଚଳାଚଳ ବନ୍ଦ ରହିଛି। ବିମାନ ଯାତ୍ରା ନିମନ୍ତେ ୧୪ ବର୍ଷରୁ କମ୍ ବୟସ୍କ ପିଲାଙ୍କ ପାଇଁ ଆରୋଗ୍ୟ ସେତୁ ଡାଉନ୍‌ଲୋଡ୍ କରିବା ବାଧ୍ୟତାମୂଳକ ନୁହେଁ ବୋଲି ଜାରି ହୋଇଥିବା ଏସ୍‌ଓପି ରେ କୁହାଯାଇଛି। ତେବେ ଅନ୍ୟ ଯାତ୍ରୀମାନେ ସେମାନଙ୍କ ଫୋନ୍‌ରେ ଏହି ଆପ୍ ଡାଉନ୍‌ଲୋଡ୍ କରିବେ। ବିମାନ ବନ୍ଦର ଫାଟକରେ ଥିବା ବିମାନ ବନ୍ଦର କର୍ମଚାରୀ କିମ୍ବା ସିଆଇଏସ୍‌ଏଫ୍ ଏହାକୁ ଯାଞ୍ଚ କରିବେ। ଆପ୍‌ରେ ଯେଉଁମାନେ ଗ୍ରୀନ୍ ଦେଖାଯିବେ ନାହିଁ, ସେମାନଙ୍କୁ ବିମାନ ବନ୍ଦର ଭିତରକୁ ଛଡାଯିବ ନାହିଁ। ଯାତ୍ରୀମାନେ ମାସ୍କ ଓ ଗ୍ଲୋଭ୍‌ସ ପିନ୍ଧିବା ବାଧ୍ୟତାମୂଳକ ହେବ। ଏହାଛଡ଼ା, ଏୟାରପୋର୍ଟ ଟର୍ମିନାଲ ବିଲ୍ଡିଂ ମଧ୍ୟକୁ ପ୍ରବେଶ କରିବା ଆଗରୁ ଯାତ୍ରୀମାନେ ଥର୍ମାଲ ସ୍କ୍ରିନିଂ ଜୋନ୍ ଦେଇ ଚାଲି ଚାଲି ଆସିବା ବାଧ୍ୟତାମୂଳକ। ଟର୍ମିନାଲ ବିଲ୍ଡିଂ ମଧ୍ୟକୁ ପଶିବା ପୂର୍ବରୁ ଯାତ୍ରୀମାନଙ୍କର ବ୍ୟାଗେଜଗୁଡିକୁ ସାନିଟାଇଜ୍ କରିବାକୁ ବିମାନବନ୍ଦର ପରିଚାଳକମାନେ ଉପଯୁକ୍ତ ବନ୍ଦୋବସ୍ତ କରିବେ। ପାର୍କିଙ୍ଗ ଏବଂ ଫୁଟ୍‌ପାଥ୍‌ରେ ଗହଳି ନକରି ସାମାଜିକ ଦୂରତା ବଜାୟ ରଖିବାକୁ ସିଆଇଏସ୍‌ଏଫ୍ ଏବଂ ଟ୍ରାଫିକ ପୁଲିସ ଯତ୍ନବାନ ହେବେ ବୋଲି ଏହି ଏସ୍‌ଓପିରେ ନିର୍ଦ୍ଦେଶ ଦିଆଯାଇଛି। ବିମାନବନ୍ଦରକୁ ଯିବା ଆସିବା କରିବା ନିମନ୍ତେ ଯାତ୍ରୀ ଏବଂ ଏୟାରଲାଇନ୍ସର କର୍ମଚାରୀଙ୍କ ନିମନ୍ତେ ସରକାରୀ କର୍ତ୍ତୃପକ୍ଷମାନେ ସର୍ବସାଧାରଣ ପରିବହନ ଓ ଟ୍ୟାକ୍ସି ବନ୍ଦୋବସ୍ତ କରିବାକୁ ବିମାନବନ୍ଦର ପ୍ରାଧୀକରଣ ପକ୍ଷରୁ କୁହାଯାଇଛି। ବିମାନ ଉଡାଣର ଦୁଇ ଘଣ୍ଟା ପୂର୍ବରୁ ବିମାନ ବନ୍ଦରରେ ପହଞ୍ଚିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି।

## ସର୍ବନିମ୍ନ ଓ ସର୍ବାଧିକ ବିମାନ ଭଡ଼ା ଧାର୍ଯ୍ୟ

**ନୂଆଦିଲ୍ଲୀ, ୨୧।୫/ଏଜେନ୍ସି :** ଆସନ୍ତା ୨୫ ତାରିଖରୁ ଦେଶ ଭିତରେ ବିମାନ ଚଳାଚଳ ଆରମ୍ଭ ହେଉଥିଲା ବେଳେ ଯାତ୍ରୀମାନଙ୍କ ପାଇଁ ସରକାର କେତେକ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ସୁରୀ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଘରୋଇ ରୁଟ୍‌ରେ ବିମାନ ଚଳାଚଳ ପାଇଁ ଅନ୍ୟୁନ ୩ ମାସ ଲାଗି ଭଡ଼ା ଧାର୍ଯ୍ୟ କରାଯାଇଛି। ଦିଲ୍ଲୀ-ମୁମ୍ବାଇ ରୁଟ୍ ପାଇଁ ସର୍ବନିମ୍ନ ବିମାନ ଭଡ଼ା ୨୦୦୦ ଟଙ୍କା ଓ ସର୍ବାଧିକ ୧୮,୬୦୦ ଟଙ୍କା ଧାର୍ଯ୍ୟ ହୋଇଛି। ଆସନ୍ତା ୩ ମାସ ଅର୍ଥାତ୍ ଅଗଷ୍ଟ ୨୪ ମଧ୍ୟରାତ୍ର ପର୍ଯ୍ୟନ୍ତ ଏହି ଭଡ଼ା ଲାଗୁହେବ। ଏହାଛଡ଼ା ସବୁ ପ୍ରକାରର ଫ୍ଲାଇଟ୍ ରୁଟ୍‌କୁ ୭ ଭାଗରେ ବିଭକ୍ତ କରାଯାଇଛି। ବିମାନ ଉଡାଣ ସମୟରେ ଦୃଷ୍ଟିରେ ରଖି ଏଭଳି ବର୍ଗୀକରଣ କରାଯାଇଛି। ମନ୍ତ୍ରୀ କହିଛନ୍ତି, ବିମାନରେ ସୋସିଆଲ ଡିଷ୍ଟାନ୍ସିଂ ପାଇଁ ମଝି ଆସନ ଖାଲି ରଖାଯାଇପାରିବ ନାହିଁ। ମଝି ଆସନ ଖାଲି ରହିବେ ମଧ୍ୟ ସୋସିଆଲ ଡିଷ୍ଟାନ୍ସିଂ ପାଇଁ ଧାର୍ଯ୍ୟ ହୋଇଥିବା ଦୂରତା ବଜାୟ ରହିପାରିବ ନାହିଁ। ଯଦି ମଝି ଆସିନ ଖାଲି ରଖାଯିବ ତାହେଲେ ବିମାନ ଟିକେଟ୍ ମୂଲ୍ୟ ୩୩ ପ୍ରତିଶତ ବଢିଯିବ।

### • ପୁଲଓ୍ୱାମାରେ ହମ୍‌ଲାରେ ଜଣେ ସହିଦ୍, ୨ ଆହତ

**ଶ୍ରୀନଗର,୨୧।୫/ଏଜେନ୍ସି :** ଗୁରୁବାର ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଟାଉନ୍‌ରେ ଜେକେ ପୁଲିସ ଓ ସିଆର୍‌ପିଏଫ୍‌ର ମିଳିତ ଟିମ ଉପରେ ଅଜଣା ଆତଙ୍କୀ ଗୋଷୀ ଆକ୍ରମଣ କରିବା ଫଳରେ ଜମ୍ମୁ-କଶ୍ମୀର ପୁଲିସ ଜଣେ କର୍ମଚାରୀ ସହିଦ ହୋଇଛନ୍ତି। ଅନ୍ୟ ଦୁଇଜଣ ପୁଲିସ କର୍ମଚାରୀ ଗୁଳିମାଡ଼ରେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୁଲଓ୍ୱାମାର ପ୍ରିଛୁ ଅଞ୍ଚଳରେ ପୁଲିସ ଓ ସିଆର୍‌ପିଏଫ୍‌ର ମିଳିତ ଟିମ ସତର୍କତାର ସହ ଅପରେସନ୍ ଚଳାଇଥିଲା ବେଳେ ହଠାତ୍ କିଛି ଆତଙ୍କୀମାନେ ହଠାତ୍ ଆଖିବୁଜା ଗୁଳି ଚଳାଇଥିଲେ। ଫଳରେ ତିନିଜଣ ପୁଲିସ କର୍ମଚାରୀଙ୍କୁ ଗୁଳି ବାଜିଥିଲା। ସେମାନଙ୍କୁ ତୁରନ୍ତ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତରମାନେ ଜଣେ ପୁଲିସ କର୍ମଚାରୀଙ୍କର ମୃତ୍ୟୁ ଘୋଷଣା କରି ଅନ୍ୟ ଦୁଇଜଣଙ୍କୁ ସ୍ୱତନ୍ତ୍ର ଚିକିତ୍ସା ପାଇଁ ଶ୍ରୀନଗରସ୍ଥିତ ଏସ୍‌ଏମ୍‌ଏଚ୍‌ଏସ୍ ହସ୍ପିଟାଲକୁ ସ୍ଥାନାନ୍ତର କରିଛନ୍ତି। ସହିଦ ପୁଲିସ କର୍ମଚାରୀଙ୍କ ନାମ ଅନୁପ ସିଂହ। ସେ ଆଇଆର୍‌ପିର ୧୦ମ ବାଟାଲିୟନ୍‌ରେ କାମ କରୁଥିଲେ।

### • ରାସ୍ତାରେ ସିଂହପଲ, ଆମ୍ବୁଲାନ୍ସରେ ମହିଳାଙ୍କ ପ୍ରସବ

**ଗାନ୍ଧୀନଗର, ୨୧।୫/ଏଜେନ୍ସି :** ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଗୁଜରାଟର ଗିର୍ ସୋମନାଥ ଅଞ୍ଚଳରେ। ଗିର୍ ଜଙ୍ଗଲ ସିଂହଙ୍କ ବାସସ୍ଥଳୀ ଭାବେ ପ୍ରସିଦ୍ଧ। ଏହା ଏକ ସଂରକ୍ଷିତ ଜଙ୍ଗଲ ହୋଇଥିବାରୁ ସିଂହପଲ ଅନେକ ସମୟରେ ଅବାଧରେ ରାସ୍ତା ପାର ହେବା ଦେଖାଯାଏ। ଗତ ବୁଧବାର ସେହି ଅଞ୍ଚଳରେ ଜଣେ ମହିଳାଙ୍କୁ ପ୍ରସବ କରାଇବା ପାଇଁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲକୁ ନିଆଯାଉଥିଲା ବେଳେ ରାସ୍ତା ଉପରେ ଦଳେ ସିଂହ ରାସ୍ତାରୁ ନହଟିବାରୁ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ମହିଳାଜଣକ ଆମ୍ବୁଲାନ୍ସରେ ସନ୍ତାନ ପ୍ରସବ କରିଥିଲେ। ଆମ୍ବୁଲାନ୍ସରେ ଥିବା ସ୍ୱାସ୍ଥ୍ୟ କର୍ମଚାରୀ କହିଛନ୍ତି ନବଜାତ ଶିଶୁଟି ସୁସ୍ଥ ରହିଛି। ଆମ୍ବୁଲାନ୍ସର ଡ୍ରାଇଭର କୁହନ୍ତି ମହିଳାଙ୍କୁ ହସ୍ପିଟାଲକୁ ନେବା ପାଇଁ ତାଙ୍କୁ ଘରୁ ଆଣିବାକୁ ଗଲା ବେଳେ ୩-୪ଟି ସିଂହ ରାସ୍ତାରେ ଟହଲ ମାରୁଥିଲେ। ମାତ୍ର ହସ୍ପିଟାଲକୁ ଯିବା ବେଳେ ଦଳେ ସିଂହ ରାସ୍ତା ଉପରେ ବସି ରହିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା।

### • ବେଙ୍ଗାଲୁରୁରେ ପ୍ରଚଣ୍ଡ ଶବ୍ଦର କାରଣ ଜେଟ୍ ପରୀକ୍ଷଣ

**ବେଙ୍ଗାଲୁରୁ, ୨୧।୫/ଏଜେନ୍ସି :** ଗତ ବୁଧବାର ବେଙ୍ଗାଲୁରୁ ସହରରେ ଅଚାନକ ପ୍ରଚଣ୍ଡ ଶବ୍ଦ ଶୁଣାଯିବାରୁ ଆତଙ୍କ ଖେଳିଯାଇଥିଲା। ଏହାର କାରଣ ହଠାତ୍ ଜଣାପଡିନଥିଲା। ଏ ସମ୍ପର୍କରେ ସୋସିଆଲ ମିଡିଆରେ ପ୍ରଚାର ହେବା ପରିପ୍ରେକ୍ଷୀରେ ଭୂତତ୍ତ୍ୱବିତ୍ ମାନେ ବେଙ୍ଗାଲୁରୁରେ କୌଣସି ଭୂକମ୍ପ ହୋଇନାହିଁ ବୋଲି ସ୍ପଷ୍ଟ କରିଥିଲେ। ଫଳରେ ଜନସାଧାରଣଙ୍କ ମନରୁ ଏହି ଶବ୍ଦ ସମ୍ପର୍କରେ ସନ୍ଦେହ ଘନୀଭୂତ ହୋଇଥିଲା। ପ୍ରତିରକ୍ଷା ମନ୍ତ୍ରଣାଳୟ ଗୁରୁବାର ଏହି ସନ୍ଦେହ ମୋଚନ କରିଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଏହା ଥିଲା ବିମାନର ଶବ୍ଦ। ଭାରତୀୟ ବାୟୁସେନା ପକ୍ଷରୁ ସୁପରସୋନିକ୍ ଜେଟ୍ ଉଡାଣ ପରୀକ୍ଷା କରାଯାଉଥିଲା ବେଳେ ଏଭଳି ପ୍ରଚଣ୍ଡ ଶବ୍ଦ ହୋଇଥିଲା।

### • ଶ୍ରାଦ୍ଧବାର୍ଷିକୀରେ ରାଜୀବ ଗାନ୍ଧୀଙ୍କୁ ମୋଦୀଙ୍କ ଶ୍ରଦ୍ଧାଞ୍ଜଳି

**ନୂଆଦିଲ୍ଲୀ, ୨୧।୫/ଏଜେନ୍ସି :** ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟ୍ୱିଟର ଯୋଗେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ୧୯୯୧ ମସିହା ମେ’ ୨୧ରେ ତାମିଲନାଡୁର କାଞ୍ଚିପୁରମ୍ ଜିଲ୍ଲା ଅନ୍ତର୍ଗତ ଶ୍ରୀପେରୁମ୍ବୁଦୁର ଠାରେ ନିର୍ବାଚନ ପ୍ରଚାର କଲାବେଳେ ରାଜୀବ ଆତ୍ମଘାତୀ ବୋମା ବିସ୍ଫୋରଣରେ ପ୍ରାଣ ହରାଇଥିଲେ। ରାଜୀବ ପ୍ରଧାନମନ୍ତ୍ରୀ ଥିବା ସମୟରେ ଭାରତ-ଶ୍ରୀଲଙ୍କା ଶାନ୍ତି ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ମାତ୍ର ଏଥିରେ ଏଲ୍‌ଟିଟି ରାଜୀବଙ୍କ ଉପରେ କ୍ଷୁବ୍ଧ ହୋଇଥିଲା। ରାଜୀବ ସେତେବେଳେ ପୁଣି କ୍ଷମତାକୁ ଫେରିବାର ସମ୍ଭାବନା ଦେଖି ନିର୍ବାଚନ ସମୟରେ ଏଲଟିଟି ଇଙ୍ଗିତରେ ବୋମା ବିସ୍ଫୋରଣ କରି ତାଙ୍କୁ ହତ୍ୟା କରାଯାଇଥିଲା। ୧୯୮୭ରେ ରାଜୀବ ଗାନ୍ଧି ପ୍ରଧାନମନ୍ତ୍ରୀ ଥିଲା ବେଳେ ଭାରତ-ଶ୍ରୀଲଙ୍କା ଶାନ୍ତି ରାଜିନାମା ସ୍ୱାକ୍ଷରିତ ହେବା ପରେ ଶ୍ରୀଲଙ୍କାକୁ ଭାରତୀୟ ଶାନ୍ତିରକ୍ଷୀ ବାହିନୀ (ଆଇପିକେଏଫ୍) ପଠାଯାଇଥିଲା।

### ପିଏମ୍ କେୟାର ଫଣ୍ଡ୍ ସମ୍ପର୍କରେ କଂଗ୍ରେସର ଟ୍ୱିଟ୍

## ସୋନିଆଙ୍କ ବିରୋଧରେ ମାମଲା

**ନୂଆଦିଲ୍ଲୀ, ୨୧।୫/ଏଜେନ୍ସି :** କରୋନା ସଂକ୍ରମଣ ଯୋଗୁଁ ଦେଶର ଆର୍ଥିକ ସ୍ଥିତି ଭୁଶୁଡି ପଡିଥିଲା ବେଳେ ଏହି ମହାମାରୀର ମୁକାବିଲା ଲାଗି ମୋଦୀ ସରକାର ପିଏମ୍ କେୟାର ଫଣ୍ଡ୍ ଗଠନ କରିଛନ୍ତି। ତେବେ କର୍ଣ୍ଣାଟକ କଂଗ୍ରେସ ପାର୍ଟି ପକ୍ଷରୁ ଏ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦିଆଯାଇଥିବାରୁ ଦଳର ଅଧ୍ୟକ୍ଷା ସୋନିଆଙ୍କ ବିରୋଧରେ ଶିବମୋଗାରେ ଏତଲା ରୁଜୁ କରାଯାଇଛି। କେବଳ ସୋନିଆ ନୁହଁନ୍ତି ଦଳର ଆଉ କେତେକ ନେତାଙ୍କ ବିରୋଧରେ ଏତଲା ରୁଜୁ ହୋଇଛି। ଗତ ୧୧ ତାରିଖରେ କଂଗ୍ରେସ ପକ୍ଷରୁ ବିବାଦୀୟ ମନ୍ତବ୍ୟ ଦିଆଯାଇଥିଲା। ଟ୍ୱିଟରରେ କୁହାଯାଇଥିଲା ପିଏମ୍ କେୟାର ଫଣ୍ଡକୁ ଜନସାଧାରଣଙ୍କ ପାଇଁ ବିନିଯୋଗ କରାନଯାଇ ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତ ପାଇଁ ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏ ପ୍ରକାର ମନ୍ତବ୍ୟରେ ଆଡ୍‌ଭୋକେଟ୍ କେ ଭି ପ୍ରବୀଣକୁମାର କହିଛନ୍ତି ଏହା ସରକାରୀଙ୍କ ବିରୋଧରେ ଏକ ଅପପ୍ରଚାର। ସେଥିପାଇଁ ସୋନିଆ ଗାନ୍ଧିଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି ବୋଲି ସେ କହିଛନ୍ତି। ସୋନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଏତଲାରେ ଦର୍ଶାଯାଇଛି ଯେ, କଂଗ୍ରେସ ଅଧ୍ୟକ୍ଷାଙ୍କ ଟ୍ୱିଟର ହ୍ୟାଣ୍ଡଲକୁ ଦିଲ୍ଲୀରୁ ଅପରେଟ୍ କରାଯାଉଛି। ସୋନିଆ ନିଜେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଟ୍ୱିଟ୍ କରି ଜନସାଧାରଣଙ୍କ ବିଭ୍ରାନ୍ତ କରୁଛନ୍ତି ବୋଲି ପ୍ରବୀଣ କୁମାର କହିଛନ୍ତି। ମିଳିଥିବା ରିପୋର୍ଟ ଅନୁଯାୟୀ ଭାରତୀୟ ପିଙ୍ଗଳ କୋଡ୍‌ର ୧୫୩ ଧାରା ଓ ୫୦୫ ଧାରା ଅନୁଯାୟୀ କଂଗ୍ରେସ ଅଧ୍ୟକ୍ଷାଙ୍କ ବିରୋଧରେ ଏତଲା ରୁଜୁ ହୋଇଛି।

### ଦୁର୍ବଳ ହେଲା ସାମୁଦ୍ରିକ ଝଡ ‘ଅମ୍ଫାନ’

## ବାଂଲାଦେଶରେ ୭ ମୃତ, ଉଦ୍ଧାର କାର୍ଯ୍ୟ ଜାରି

**ଢାକା, ୨୧।୫/ଏଜେନ୍ସି :** ସାମୁଦ୍ରିକ ଝଡ ଅମ୍ଫାନ ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳ ଦେଇ ବାଂଲାଦେଶ ଅତିକ୍ରମ କରିବା ପରେ କ୍ରମଶଃ ଦୁର୍ବଳ ହୋଇଯାଇଛି। ବୁଧବାର ମଧ୍ୟରାତ୍ରୀରେ ଏହି ମହାବାତ୍ୟା ବାଂଲାଦେଶ ଅତିକ୍ରମ କଲାବେଳେ ସେଠାରେ ପ୍ରବଳ ବର୍ଷା ଓ ଝଡତୋଫାନ ଫଳରେ ଉପକୂଳ ଅଞ୍ଚଳଗୁଡିକ ବିଶେଷଭାବେ ପ୍ରଭାବିତ ହୋଇଛି। ଖାଲୁଆ ଅଞ୍ଚଳଗୁଡିକ ଜଳମଗ୍ନ ହୋଇଯାଇଛି। ବହୁ କଚାଘର ମାଟିରେ ମିଶିଯାଇଛି। ବଡ ବଡ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡିପଡିଛି। ବାଂଲାଦେଶର ବାରବୁନା, ସାତଖିରା, ପିରୋଜପୁର, ଭୋଲା ଓ ପାଟୁଆଖାଲି ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ଅଞ୍ଚଳରେ ୭ ଜଣ ମୃତ୍ୟୁ ଘଟିଥିବା ରିପୋର୍ଟ ମିଳିଛି। ବିଭିନ୍ନ ନଦୀଗୁଡିକରେ ଆକସ୍ମିକ ବନ୍ୟା ସୃଷ୍ଟି ହୋଇଛି। ମେଘନା, ଭୋଲା, ବଲେଶ୍ୱର, ବିଷଖାଲି ଓ ପୈରା ନଦୀରେ ଜଳପତ୍ତନ ବିପଦ ସଙ୍କେତ ଉପରେ ପ୍ରଭାବିତ ହେଉଛି। ବାଂଲାଦେଶର ଦକ୍ଷିଣପଶ୍ଚିମ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ତେବେ ବନ୍ୟା ବିପନ୍ନ ଅଞ୍ଚଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରିରହିଛି। ତେବେ ମହାବାତ୍ୟାକୁ ଦୃଷ୍ଟିରେ ରଖି ସରକାର ୨୪ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରିଥିଲେ। ୫ ଲକ୍ଷ ଗୃହପାଳିତ ପଶୁଙ୍କୁ ନିରାପଦ ସ୍ଥାନରେ ରଖାଯାଇଥିଲା। ଇତି ମଧ୍ୟରେ ବାଂଲାଦେଶ ସରକାର ୧୪ ହଜାର ବାତ୍ୟା ଆଶ୍ରୟସ୍ଥଳରେ ଲୋକଙ୍କୁ ଅସ୍ଥାୟୀ ଭାବେ ଥଇଥାନ କରିଛନ୍ତି।

## ମୁମ୍ବାଇରେ କୋଭିଡ୍-୧୯ : ଆଉ ଜଣେ ପୁଲିସ କର୍ମଚାରୀ ମୃତ

### ଅଦ୍ୟାବଧି ୧,୩୮୮ ଆକ୍ରାନ୍ତ, ସୁସ୍ଥ ୪୨୮ ଓ ୧୩ ମୃତ

**ମୁମ୍ବାଇ ,୨୧।୫/ଏଜେନ୍ସି :** ମହାମାରୀ କରୋନାରେ ସଂକ୍ରମିତ ହେବାପରେ ବୁଧବାର ବିଳମ୍ବିତ ରାତିରେ ମୁମ୍ବାଇରେ ଆଉ ଜଣେ ପୁଲିସ କର୍ମଚାରୀ ପ୍ରାଣ ହରାଇଛନ୍ତି। ଫଳରେ କୋଭିଡ୍-୧୯ ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇ ମହାରାଷ୍ଟ୍ରରେ ଅଦ୍ୟାବଧି ୧୩ ଜଣ ପୁଲିସ କର୍ମଚାରୀ ଜୀବନ ଦେଇଛନ୍ତି। ସାରା ମହାରାଷ୍ଟ୍ରରେ ୧,୩୮୮ ପୁଲିସ କର୍ମଚାରୀଙ୍କୁ କରୋନା ସଂକ୍ରମଣ କରିଥିଲା ବେଳେ କେବଳ ମୁମ୍ବାଇରେ ୭୦୦ ଅଛନ୍ତି। ସଂକ୍ରମିତ ୧,୩୮୮ ପୁଲିସ କର୍ମଚାରୀଙ୍କ ମଧ୍ୟରୁ ଏବେସୁଦ୍ଧା ୯୪୮ ଚିକିତ୍ସାଧୀନ ଅଛନ୍ତି। ୪୨୮ ପୁଲିସ କର୍ମଚାରୀ ଆରୋଗ୍ୟ ଲାଭ କରି ଘରକୁ ଫେରି ଯାଇଥିଲା ବେଳେ ୧୩ ଜଣ ମୃତ୍ୟୁବରଣ କରିଛନ୍ତି ବୋଲି ମହାରାଷ୍ଟ୍ର ପୁଲିସ ସୂତ୍ରରୁ ପ୍ରକାଶ। ଗତ ସପ୍ତାହରେ ମୁମ୍ବାଇରେ କାର୍ଯ୍ୟରତ ଏଏସ୍‌ଆଇ ମଧୁକର ମାଣେଙ୍କର ମୃତ୍ୟୁ ଘଟିଥିଲା। ବହୁ ସଂଖ୍ୟକ ପୁଲିସ କର୍ମଚାରୀଙ୍କୁ ଆତ୍ମନିର୍ବାସନରେ ରଖାଯାଇଛି। ଫଳରେ ମହାରାଷ୍ଟ୍ର ପୁଲିସ ପ୍ରଶାସନରେ କର୍ମଚାରୀଙ୍କ ଅଭାବ ଦେଖାଦେଇଛି। ଉକ୍ତ ଅଭାବ ପୂରଣ କରିବା ପାଇଁ ମହାରାଷ୍ଟ୍ର ସରକାର କେନ୍ଦ୍ରକୁ ଚିଠି ଲେଖି କେନ୍ଦ୍ରୀୟ ସଶସ୍ତ୍ର ବାହିନୀରୁ ଅତିରିକ୍ତ ୨୦୦୦ ଯବାନ ପଠାଇବାକୁ ଅନୁରୋଧ କରିଛନ୍ତି। ସାରା ଦେଶ କୋଭିଡ୍-୧୯ ଶିକାର ହୋଇ କଲବଲ ହେଉଥିଲା ବେଳେ ମହାରାଷ୍ଟ୍ରରେ କୋକୁଆଭୟ ସୃଷ୍ଟି ହୋଇଛି। ମୁମ୍ବାଇ ମହାନଗରୀ କଥା ମନେପକାଇ ଲୋକମାନେ ଭୟରେ ଥରୁଛନ୍ତି। ମହାରାଷ୍ଟ୍ରରେ କୋଭିଡ୍-୧୯ ଆକ୍ରାନ୍ତଙ୍କ ସଂଖ୍ୟା ୩୯,୨୯୭କୁ ବୃଦ୍ଧି ପାଇଥିଲା ବେଳେ ତାମିଲନାଡୁରେ ୧୩,୧୯୧ ଓ ଗୁଜରାଟରେ ୧୨,୫୩୭ ମାମଲାକୁ ବୃଦ୍ଧି ପାଇଛି। ସେହି ତୁଳନାରେ ମହାରାଷ୍ଟ୍ରରେ ୧,୩୯୦ ଆକ୍ରାନ୍ତ ପ୍ରାଣ ହରାଇଥିଲା ବେଳେ ଗୁଜରାଟରେ ୭୪୯ ଓ ମଧ୍ୟପ୍ରଦେଶରେ ୨୬୭ ମୁଣ୍ଡ ଗଡ଼ିଲାଣି। ଦିଲ୍ଲୀରେ କୋଭିଡ୍-୧୯ ଆକ୍ରାନ୍ତଙ୍କ ସଂଖ୍ୟା ୧୧,୦୮୮କୁ ବୃଦ୍ଧି ପାଇଛି।

## ସିଆରପିଏଫରେ କରୋନା ଆକ୍ରାନ୍ତ ସଂଖ୍ୟା ୩୩୫କୁ ବୃଦ୍ଧି, ୨ ମୃତ

**ନୂଆଦିଲ୍ଲୀ, ୨୧।୫/ଏଜେନ୍ସି :** କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବାହିନୀ ସିଆରପିଏଫରେ କରୋନା ସଂକ୍ରମଣ ବଢିଚାଲିଥିବାରୁ ଏହା ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ସିଆରପିଏଫରେ ପୂର୍ବରୁ ଜଣଙ୍କର ମୃତ୍ୟୁ ଘଟିଥିଲା ବେଳେ ଗୁରୁବାର ଆଉ ଜଣଙ୍କର ମୃତ୍ୟୁ ହୋଇଛି। ଏହାଛଡ଼ା ୯ଟି ପଜିଟିଭ୍ ଚିହ୍ନଟ ହୋଇଛି। ଫଳରେ ସିଆରପିଏଫରେ ମୋଟ ସଂକ୍ରମିତ ସଂଖ୍ୟା ୩୩୫ରେ ପହଞ୍ଚିଥିବା ବେଳେ ମୃତ୍ୟୁ ସଂଖ୍ୟା ୨ରେ ପହଞ୍ଚିଛି। ଏବେ କରୋନା ସଂକ୍ରମିତ ୧୨୧ ଜଣ ଯବାନ ଚିକିତ୍ସାଧୀନ ଅଛନ୍ତି ବୋଲି ସିଆରପିଏଫ୍ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ ବା ସିଆଇଏସ୍‌ଏଫ୍‌ରେ ମଧ୍ୟ କରୋନା ସଂକ୍ରମଣ ଚିନ୍ତାର କାରଣ ହୋଇଛି। ସିଆଇଏସ୍‌ଏଫରେ ଏ ପର୍ଯ୍ୟନ୍ତ ମୋଟ୍ ୧୧୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ପରିସ୍ଥିତିର ସମୀକ୍ଷା କରୁଛନ୍ତି। ତେବେ ସୀମା ସୁରକ୍ଷା ବଳ ବା ବିଏସ୍‌ଏଫ୍‌ରେ କରୋନା ସଂକ୍ରମଣ ସ୍ଥିତିରେ ଉନ୍ନତି ଆସିଛି। ଗତ ୨୪ ଘଣ୍ଟା ମଧ୍ୟରେ ବିଏସ୍‌ଏଫ୍‌ରେ ଗୋଟିଏ ମଧ୍ୟ ନୂଆ ମାମଲା ଜଣାପଡିନାହିଁ। ଏହା ସହିତ ୨୫ ଜଣ କରୋନା ଆକ୍ରାନ୍ତ ଯବାନ ଆରୋଗ୍ୟ ଲାଭ କରିଛନ୍ତି। ପୂର୍ବରୁ ବିଏସ୍‌ଏଫ୍‌ର ମୋଟ ୨୪୯ ଜଣ ଆକ୍ରାନ୍ତ ଯବାନ ସୁସ୍ଥ ହୋଇ ହସ୍ପିଟାଲରୁ ଛାଡ ପାଇଛନ୍ତି। ଏହା ଫଳରେ ବିଏସ୍‌ଏଫରେ ଏ ପର୍ଯ୍ୟନ୍ତ ମୋଟ ୨୭୪ ଜଣ ସୁସ୍ଥ ହେଲେଣି। ବିଏସ୍‌ଏଫରେ ଏବେ ଆଉ ୮୭ ଜଣ କରୋନା ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି।

## କ୍ୱାରେଣ୍ଟାଇନ୍‌ରୁ ବିଦେଶୀଙ୍କୁ ଛାଡ଼ିବା ପାଇଁ ମାମଲା

**ନୂଆଦିଲ୍ଲୀ,୨୧।୫/ଏଜେନ୍ସି :** ତବ୍‌ଲିଗି ଜମାତରେ ସାମିଲ ତଥା ଏବେସୁଦ୍ଧା କ୍ୱାରେଣ୍ଟାଇନ୍‌ରେ ଥିବା ୯୧୬ ଜଣ ବିଦେଶୀ ନାଗରିକଙ୍କୁ ଛାଡ଼ିଦେବା ସଂକ୍ରାନ୍ତରେ ଏକ ପିଟିସନ୍ ଦିଲ୍ଲୀ ହାଇକୋର୍ଟରେ ଆଗତ କରାଯାଇଛି। ପିଟିସନ୍‌ରେ ଦର୍ଶାଯାଇଛି ଯେ ବିଦେଶୀ ନାଗରିକଙ୍କ ନମୁନା ନେଗେଟିଭ୍ ଥିବାସତ୍ତ୍ୱେ ସେମାନଙ୍କୁ କ୍ୱାରେଣ୍ଟାଇନ୍‌ରେ ରହିବାକୁ ବାଧ କରାଯାଉଛି। ସରକାରଙ୍କ ନିଷ୍ପତ୍ତିକୁ ପ୍ରତିବାଦ କରି ମାର୍ଚ୍ଚ ୩୦ରୁ ଅଦ୍ୟାବଧି ପ୍ରାୟ ୨୦ଟି ପିଟିସନ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। କେତେକ ପିଟିସନ୍‌ରେ ଭାରତର ସମ୍ବିଧାନ ଅନ୍ତର୍ଗତ ଧାରା ୧୪, ୨୧ ଓ ୨୨କୁ ଚାଲେଞ୍ଜ କରାଯାଇଛି। ଆବେଦନକାରୀ ପିଟିସନ୍‌ରେ ଅଭିଯୋଗ କରିଛନ୍ତି ଯେ କ୍ୱାରେଣ୍ଟାଇନ୍‌ରେ ରଖିବା ଆଳରେ ସରକାର ୯୧୬ ବିଦେଶୀ ନାଗରିକଙ୍କୁ ଏକପ୍ରକାର ଅଟକ ରଖିଛନ୍ତି। ଅପରନ୍ତୁ ସମ୍ବିଧାନପ୍ରଦତ୍ତ ନାଗରିକଙ୍କ ମୌଳିକ ଅଧିକାର ବଜାୟ ପ୍ରତି ବିଚାର କରି ବିଦେଶୀ ନାଗରିକଙ୍କୁ ତୁରନ୍ତ ମୁକ୍ତ କରିବାକୁ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପିଟିସନ୍‌ରେ ପ୍ରାର୍ଥନା କରାଯାଇଛି। ପିଟିସନ୍‌ରେ ସରକାରଙ୍କ ମୁଣ୍ଡରେ ଦୋଷ ଲଗାଇ ଦିଆଯାଇଛି ଯେ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇ ନେଗେଟିଭ୍ ରିପୋର୍ଟଧାରୀ ଭାରତୀୟ ନାଗରିକଙ୍କୁ ଛାଡ଼ିଦେବାକୁ କୁହାଯାଇଥିଲା ବେଳେ ବିଦେଶୀ ନାଗରିକଙ୍କୁ ଅଣଦେଖା କରାଯାଇଥିଲା।

## ଭାରତ-ଚୀନ୍ ସୀମା ବିବାଦର ଅବସାନ ଜରୁରୀ: ୱାଶିଂଟନ୍

- ୩,୪୮୮ କିଲୋମିଟର ବ୍ୟାପୀ ସୀମା
- ମେ’ ମାସରେ ଉଭୟ ସେନା ଲହୁଲୁହାଣ
- ଅରୁଣାଚଳ ପ୍ରଦେଶ ଉପରେ ଲୋଲୁପ ଦୃଷ୍ଟି

INDIA-CHINA
ROCK OF PEACE

**ନୂଆଦିଲ୍ଲୀ,୨୧।୫/ଏଜେନ୍ସି:** ଦୀର୍ଘଦିନ ଧରି ଗଡ଼ି ଆସୁଥିବା ଭାରତ-ଚୀନ୍ ସୀମା ବିବାଦର ଅବସାନ ଘଟିବା ଜରୁରି ବୋଲି ବୁଧବାର ୱାଶିଂଟନ୍ ପକ୍ଷରୁ କୁହାଯାଇଛି। ଚୀନ୍ ସହ ଭାରତର ସୀମା ବିବାଦ ମାମଲାରେ ଯୁକ୍ତରାଷ୍ଟ୍ର ଆମେରିକା ଭାରତର ଯୁକ୍ତିକୁ ସମର୍ଥନ କରିଛି। ଆମେରିକାର ଜନୈକ ବରିଷ୍ଠ କୂଟନୀତିଜ୍ଞ କହିଛନ୍ତି ଯେ ଚୀନ୍‌ର ଉଗ୍ରବାଦୀ ଆଭିମୁଖ୍ୟ ଗ୍ରହଣଯୋଗ୍ୟ ନୁହେଁ। ଭାରତ-ଚୀନ୍ ସୀମା ନିକଟରେ ଅକାରଣରେ ବିବାଦୀୟ ପରିସ୍ଥିତି ସୃଷ୍ଟି କରି ଶାନ୍ତିପ୍ରିୟ ଭାରତକୁ ଯୁଦ୍ଧର ବିଭୀଷିକା ଭିତରକୁ ଟାଣିନେବାର ଉଦ୍ୟମ କରିଆସୁଛି। ନିକଟ ଅତୀତରେ ସୀମା ମାମଲାକୁ କେନ୍ଦ୍ର କରି ଭାରତ-ଚୀନସେନା ମୁହାଁମୁହିଁ ହେବା ଫଳରେ ଉଭୟ ପକ୍ଷରୁ ଲଦାଖର ପାଙ୍ଗୋଙ୍ଗ ସୁ ଲେକ୍ ଓ ଗଲୱାନ୍ ଉପତ୍ୟକା ଅଞ୍ଚଳରେ ଅତିରିକ୍ତ ସେନା ମୁତୟନ କରାଯାଇଥିଲା ବୋଲି ନୂଆଦିଲ୍ଲୀସ୍ଥିତ ପ୍ରତିରକ୍ଷା ମୁଖ୍ୟାଳୟ ସୂତ୍ରରୁ ପ୍ରକାଶ। ଚୀନ୍‌ସେନା ପାଙ୍ଗୋଙ୍ଗ ସୁ ହ୍ରଦରେ ଅଧିକରୁ ଅଧିକ ଡଙ୍ଗା ଠିଆ କରାଇ ସେଥିରେ ଅତିରିକ୍ତ ସଶସ୍ତ୍ର ସେନା ମୁତୟନ କରିଛି। ଡେମ୍‌ଚୁକ୍ ଓ ଦୌଲତ ବେଗ ଅଞ୍ଚଳରେ ଉଭୟ ପକ୍ଷର ସେନାବାହିନୀ ଠୁଳ ହେବାକୁ ଲାଗିଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକାର ବୈଦେଶିକ ବ୍ୟାପାର ବିଭାଗର ଦକ୍ଷିଣ ଓ କେନ୍ଦ୍ର ଏସିଆ ଦାୟିତ୍ୱରେ ଥିବା ବିଦାୟୀ ରାଷ୍ଟ୍ରଦୂତ ଆଲିସ୍ ଜି ୱେଲ୍ସଙ୍କ ମତରେ ଭାରତ ସହିତ ଚୀନ୍ ଧାରାବାହିକ ଭାବେ ସୀମା ବିବାଦ ସୃଷ୍ଟି କରିଚାଲିଛି। ଏଥିରୁ ଚୀନ୍‌ର କେବେ ଶାନ୍ତିକାମୀ ଆଭିମୁଖ୍ୟ ପୋଷଣ କରୁଥିବା ଜଣାପଡୁନି। ଚୀନର ଉଗ୍ର ଆଚରଣକୁ ବେଶୀଦିନ ବରଦାସ୍ତ କରିବା ଅସମ୍ଭବ। ବୁଧବାର ୱେଲ୍‌ସ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ଭାରତ ପ୍ରତି ଚୀନ୍‌ର ଯୁଦ୍ଧଖୋର ମନୋଭାବ ସମ୍ପର୍କରେ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ସେ ଦୀର୍ଘ ୩ ବର୍ଷ ଧରି ଦକ୍ଷିଣ-କେନ୍ଦ୍ର ଏସିଆରେ ଶାନ୍ତି ଓ ସହାବସ୍ଥାନ ପ୍ରତିଷ୍ଠା ଦାୟିତ୍ୱ ତୁଲାଉଥିଲେ। ସେ ଦକ୍ଷିଣ ଚୀନ ସାଗରରେ ଚୀନ୍‌ର ହୀନ କାରସାଦି ସମ୍ପର୍କରେ ମଧ୍ୟ ନାନା ତଥ୍ୟ ପ୍ରଦାନ କରିଥିଲେ। ୱେଲ୍ସ କହିଥିଲେ, ‘ଦକ୍ଷିଣ ଚୀନ୍ ସାଗର ଉପରେ ଭିଏତ୍‌ନାମ, ମାଲେସିଆ, ଦି ଫିଲିପାଇନ୍ସ, ବ୍ରୁନେଇ ଓ ତାଇୱାନର ଅଧିକାର ଥିବାସତ୍ତ୍ୱେ ଏକୁଟିଆ ଚୀନ୍ ସେମାନଙ୍କୁ ଡରାଇ ଧମକାଇ ରଖିବାକୁ ଚାହୁଁଛି। ଦକ୍ଷିଣ ଚୀନ୍ ସାଗର ଉପରେ ଚୀନ୍ ଏକଚାଟିଆ ଅଧିକାର ସାବ୍ୟସ୍ତ କରିବାକୁ ଚାହୁଁଛି। କେବଳ ଦକ୍ଷିଣ ଚୀନ୍ ସାଗର କଥା ନୁହେଁ, ପୂର୍ବ ଚୀନ୍ ସାଗରରେ ମଧ୍ୟ ବେଜିଂ ପ୍ରତିରକ୍ଷା ବାହିନୀକୁ ଶକ୍ତିଶାଳୀ କରିଚାଲିଛି। ଉଭୟ ସାଗରକୁ ମାଡ଼ିବସି ସେଠାରେ ଗଚ୍ଛିତ ଖଣିଜ, ତୈଳ ଓ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦକୁ ଲୁଟିନେଇ ଆନ୍ତର୍ଜାତିକ ସ୍ତରରେ ପତିଆରା ଜାହିର କରିବା ଚୀନ୍‌ର ଅସଲ ଉଦ୍ଦେଶ୍ୟ। ଚୀନ୍‌ର ହୀନ ଉଦ୍ଦେଶ୍ୟକୁ ବିଫଳ କରିବା ପାଇଁ ଆମେରିକା ଉଭୟ ଜାପାନ ଓ ଭାରତ ସହିତ ହାତ ମିଳାଇ ତ୍ରିଶକ୍ତି ମେଣ୍ଟ କରିବାକୁ ଚାହୁଁଛି। ତା’ ସହିତ ଅଷ୍ଟ୍ରେଲିଆ ସହ ଆମେରିକା ଘନିଷ୍ଠ ସମ୍ପର୍କ ରଖି ଚୀନ୍‌ର ମୁକ୍ତ ବାଣିଜ୍ୟ ନୀତିକୁ ଅକାମୀ କରିବା ଆଉ ଏକ ଉଦ୍ଦେଶ୍ୟ।’ ସେ ପୁଣି ବୁଝାଇ ଦେଇଛନ୍ତି ଯେ ଆନ୍ତର୍ଜାତିକ ବଜାରରେ ସବୁ ରାଷ୍ଟ୍ରଙ୍କର ବାଣିଜ୍ୟ ବ୍ୟବସାୟ କରିବାର ଅଧିକାର ଅଛି। କିନ୍ତୁ ଚୀନ୍ ଯୁଦ୍ଧଖୋର ମନୋବୃତ୍ତି ଆପଣାଇ ଅନ୍ୟ ରାଷ୍ଟ୍ରଙ୍କ ବାଣିଜ୍ୟ କାରବାରରେ ନାନା ପ୍ରତିବନ୍ଧକ ସୃଷ୍ଟି କରୁଛି। ଆନ୍ତର୍ଜାତିକ ବଜାରରେ ଚୀନ୍ ଅନ୍ୟ ରାଷ୍ଟ୍ରଙ୍କ ଅଧିକାରକୁ ଛଡ଼ାଇ ନେବାକୁ ବସିଛି।

ଚୀନ ଭାରତର ସୀମା ଭିତରେ ପଶି ଭାରତୀୟ ସେନାବାହିନୀକୁ ନାଲିଆଖି ଦେଖାଉଛି। ମେ’ ୫ ତାରିଖରେ ଉଭୟ ଭାରତ ଓ ଚୀନ୍‌ର ପ୍ରାୟ ୨୫୦ ସୈନ୍ୟ ପରସ୍ପରକୁ ଲୁହାରଡ୍, ଠେଙ୍ଗାରେ ମାଡ଼ ମାରିବା ସହ ଢେଲାପଥର ମାଡ଼ କରିଥିଲେ। ଫଳରେ ଉଭୟ ପକ୍ଷର ସୈନ୍ୟମାନେ ଲହୁଲୁହାଣ ହୋଇଥିଲେ। ପୁନର୍ବାର ମେ’ ୯ ତାରିଖରେ ସିକ୍କିମ ସୀମା ନିକଟରେ ମଧ୍ୟ ଭାରତ ଓ ଚୀନର ପ୍ରାୟ ୧୫୦ ଯବାନ ହାତାହାତି ହେବା ଫଳରେ ଅନ୍ୟୂନ ୧୦ ଜଣ ଯବାନ ଆହତ ହୋଇଥିଲେ। ଏହା ପୂର୍ବରୁ ଡୋକ୍‌ଲାମ ଅଞ୍ଚଳରେ ଉଭୟ ସେନା ପ୍ରାୟ ୭୩ ଦିନ ଧରି ପରସ୍ପରକୁ ଅଟକାଇ ରଖିବା ଦୁଇ ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ର ମଧ୍ୟରେ ମାମୁଲି ଘଟଣା ନୁହେଁ। ଭାରତ-ଚୀନ୍ ମଧ୍ୟରେ ପ୍ରାୟ ୩,୪୮୮ କିଲୋମିଟର ବ୍ୟାପୀ ସୀମା ବିବାଦ ଦୀର୍ଘଦିନ ଧରି ଗଡ଼ିଚାଲିଛି। ଭାରତର ଅରୁଣାଚଳ ପ୍ରଦେଶକୁ ଚୀନ୍ ତିବ୍ବତ୍‌ର ଦକ୍ଷିଣାଞ୍ଚଳ ଦାବି କରୁଥିଲା ବେଳେ ଭାରତ ତାକୁ ତୀବ୍ର ପ୍ରତିବାଦ କରି ଏ ପର୍ଯ୍ୟନ୍ତ ସମ୍ପୃକ୍ତ ପ୍ରଦେଶ ଉପରେ ସାର୍ବଭୌମତ୍ୱ ବଜାୟ ରଖିଛି। ଦୁଇ ରାଷ୍ଟ୍ର ଆପୋସ ଆଲୋଚନା ମାଧ୍ୟମରେ ସୀମା ବିବାଦର ଆଶୁ ସମାଧାନ କରି ସୀମାନ୍ତରେ ଚିରସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ଉଚିତ।